# ଆଜି ଅନୁଗୋଳରୁ ୭ ଜଣ କରୋନା ପଜିଟିଭ ଚିହ୍ନଟ ।

# ପଜିଟିଭ ସଂଖ୍ୟା ପହଞ୍ଚିଲା ୧୩୯ ରେ ।

ଅନୁଗୋଳ,୧୩.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ବାହାରିଥିବା ୭ ଜଣ ପଜିଟିଭଙ୍କ ମଧ୍ୟରୁ ଅନୁଗୋଳ ପୌରାଂଚଳରୁ ଜଣେ ୩୮ ବର୍ଷ ବୟସ୍କ ପୁରୁଷ ଯାହାଂକର ସାମାନ୍ୟ ଲକ୍ଷଣ ଥିବାରୁ ସେ ନିଜେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାବ ପରିକ୍ଷା କରାଇଥିଲେ । ତାଂକର ପଜିଟିଭ ବାହାରିଥିବା ଏହି ସ୍ୱାବ ପରିକ୍ଷାରୁ ଜଣାପଡିଛି । ତାଳଚେର ବ୍ଲକ୍ ଅଂଚଳର ଜଣେ ଲକ୍ଷଣଯୁକ୍ତ ୩୦ ବର୍ଷିୟା ନିରାଶ୍ରୟ ମହିଳା ଯିଏକି ଜଣେ ମାନସିକ ବିକାରଗ୍ରସ୍ତ ତାଂକର ପଜିଟିଭ ବାହାରିଛି । ତୃତୀୟ ପଜିଟିଭ ଜଣଂକ ସେହି ତାଳଚେର ବ୍ଲକ୍ ଅଂଚଳର ୩୯ ବର୍ଷ ବୟସ୍କ ପୁରୁଷ ଯିଏକି ବିହାରରୁ ଆସି ତାଳଚେର ଅଂଚଳରେ ରହୁଛନ୍ତି । ସେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡରେ ଚିକିତ୍ସିତ ହେଉଥିବା ବେଳେ ତାଂକର କରୋନା ଲକ୍ଷଣ ଦେଖାଦେବାରୁ ସ୍ୱାବ ପରିକ୍ଷା କରାଯାଇ ପଜିଟିଭ ବାହାରିଛି । ସେହିପରି ୪ର୍ଥ ଆକ୍ରାନ୍ତ ଜଣଂକ ତାଳଚେର ଅଂଚଳର ଏକ ରାଷ୍ଟ୍ରାୟତ୍ତ ସଂସ୍ଥାରେ କାର୍ଯ୍ୟରତ ୫୨ ବର୍ଷିୟ ଲକ୍ଷଣ ବିହିନ ପୁରୁଷ ଅଟନ୍ତି । ୫ମ ଆକ୍ରାନ୍ତ ଜଣଂକ ଏହି ରାଷ୍ଟ୍ରାୟତ୍ତ ସଂସ୍ଥାରେ କାର୍ଯ୍ୟରତ ଜଣେ କର୍ମଚାରୀଂକର ଧର୍ମପତ୍ନୀ ଯାହାଂକର ବୟସ ୩୯ ବର୍ଷ ଓ ସେ କିଛି ଦିନ ତଳେ ଆନ୍ଧ୍ରପ୍ରଦେଶରୁ ଫେରି ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ । ୬ଷ୍ଠ ଆକ୍ରାନ୍ତ ଜଣଂକ ଅନୁଗୋଳ ବ୍ଲକ୍ ଅଂଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଟନ୍ତି । ଏହି ୫୭ ବର୍ଷ ବୟସ୍କ ପୁରୁଷ କଲିକତାରୁ ଫେରି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିଲେ । ୭ମ ଆକ୍ରାନ୍ତ ଜଣଂକ ବଣଁରପାଳ ବ୍ଲକ୍ ଅଂଚଳର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ୪୦ ବର୍ଷୀୟ ପୁରୁଷ କର୍ମଚାରୀ ଯିଏକି ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ । ଆଜି ଏହି ୭ ଜଣ ଆକ୍ରାନ୍ତଂକ ମଧ୍ୟରୁ ୬ ଜଣଂକୁ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ମାନସିକ ବିକାରଗ୍ରସ୍ତ ମହିଳାଂକୁ ଏକ ସଂସ୍ଥାର ଆଇସୋଲେସନ ୱାର୍ଡରେ ରଖାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଆଜିର ଏହି ୭ ଜଣ ଆକ୍ରାନ୍ତଂକୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଂକ ସଂଖ୍ୟା ୧୩୯ରେ ପହଂଚିଲା । ଇତି ମଧ୍ୟରେ ଗତକାଲି ୫ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରିକ୍ଷଣ ନିମନ୍ତେ ଯାଇଛନ୍ତି । ପୂର୍ବରୁ ୯୪ ସୁସ୍ଥଂକୁ ମିଶାଇ ସୁସ୍ଥଂକ ସଂଖ୍ୟା ୯୯ ରେ ପହଂଚିଲା । ଏହାଛଡା ଏହି ଜିଲ୍ଲାର ୬ ଜଣ ଆକ୍ରାନ୍ତ ବାହାର ହସ୍‌ପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଛନ୍ତି । ସମୁଦାୟ ସୁସ୍ଥଂକ ସଂଖ୍ୟା ୧୦୫ ଓ ଆକ୍ଟିଭ କେଶ୍ ୩୩ ବୋଲି ଜଣାପଡିଛି । ପ୍ରକାଶଥାଉକି ଏହି କରୋନା ସଂକ୍ରମଣରେ ଜଣେ ମୃତ୍ୟୁ ବରଣ କରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୪୮ ତା.୧୩.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।